# ଦଳିତଙ୍କୁ ବାହାହେଲେ ମିଳିବ ଅଢ଼େଇ ଲକ୍ଷ

**ନୂଆଦିଲ୍ଲୀ, ୬।୧୨/ପିଟି:** ଦଳିତ ପରିବାରରେ ବିବାହକୁ ପ୍ରୋତ୍ସାହିତ କରିବାକୁ ଯାଇ ମୋଦି ସରକାର ଏ କ୍ଷେତ୍ରରେ ଥିବା ଆୟ ସୀମା ହଟାଇ ଦେଇଛନ୍ତି। ଯଦି ଅନୁସୂଚିତ ଜାତିର ପୁଅ ବା ଝିଅ ଅନ୍ୟ ଜାତିରେ ବିବାହ କରନ୍ତି, ତେବେ ସେମାନଙ୍କ ଆୟ ଯାହାହେଉ ନା କାହିଁକି ତାଙ୍କୁ ଅଢ଼େଇ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ମିଳିବ। ୨୦୧୩ରୁ ଲାଗୁ ହୋଇଥିବା ଏହି ବ୍ୟବସ୍ଥାକୁ ଅଧିକ ଲୋକପ୍ରିୟ କରିବା ପାଇଁ ଏଥିରେ ସଂଶୋଧନ ଅଣାଯାଇଛି। ଏଭଳି ବିବାହ କରୁଥିବା ନବ ଦମ୍ପତିଙ୍କୁ ୨ଟି କିସ୍ତିରେ ପ୍ରୋତ୍ସାହନ ରାଶି ମିଳିବ। ନୂଆ ନିୟମ ଅନୁଯାୟୀ ସେମାନଙ୍କୁ ପ୍ରଥମେ ୧.୫ ଲକ୍ଷ ଟଙ୍କା ଦିଆଯିବ। ବାକି ଏକ ଲକ୍ଷ ଟଙ୍କା ସେମାନଙ୍କ ମିଳିତ ଆକାଉଣ୍ଟ୍‌ରେ ଜମା ଦିଆଯିବ। ୩ ବର୍ଷ ପରେ ସେମାନେ ଟଙ୍କା ଉଠାଇ ପାରିବେ। ଏ ସମ୍ପର୍କରେ ସାମାଜିକ ନ୍ୟାୟ ମନ୍ତ୍ରଣାଳୟର ଡକ୍ଟର୍ ଆମ୍ବେଦ୍‌କର୍ ଫାଉଣ୍ଡେସନ୍ ପକ୍ଷରୁ ରାଜ୍ୟ ସରକାରଗୁଡ଼ିକୁ ଚିଠି ଜରିଆରେ ଜଣାଇ ଦିଆଯାଇଛି।